ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

**୨୯.୦୯.୨୦୨୨**

ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତାରେ ପଦକ ଜିତିଥିବା ପ୍ରତିଯୋଗୀମାନେ ଆଜି ପୂର୍ବାହ୍ନରେ ପୋଲିସ ସେବାଭବନ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ | ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବଂସଲ କ୍ରୀଡାବିତ ମାନଙ୍କ ସାଫଲ୍ୟରେ ସନ୍ତୋଷ ବ୍ୟକ୍ତ କରିବା ସହ ଭବିଷ୍ୟତରେ କଠିନ ପରିଶ୍ରମ କରି ରାଜ୍ୟ ପୋଲିସ ପାଇଁ ଅଧିକ ସଫଳତା ଆଣିବାକୁ ପରାମର୍ଶ ଦେଇଥିଲେ | ଏହି ସାକ୍ଷାତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ଆର. କେ. ଶର୍ମା ଉପସ୍ଥିତ ଥିଲେ | ମ୍ୟାନେଜର କେ. ହୃଷୀକେଶ ବେହେରା, ଟିମ କ୍ୟାପଟେନ ପ୍ରଭୁଦତ୍ତ ଦଳାଇ , ରାଜ୍ୟ ପୋଲିସ ମୁଖ୍ୟାଳୟର ଖେଳ ବିଭାଗର ସେକ୍ସନ ଅଫିସର ମହମ୍ମଦ ସାହିଦ ଜବାର ପ୍ରମୁଖ ଉପସ୍ଥିତ ଥିଲେ |

ଉଲ୍ଲେଖଯୋଗ୍ୟ ଯେ, ସି. ଆଇ.ଏସ.ଏଫ. ଆନୁକୁଲ୍ୟରେ ନୂଆଦିଲ୍ଲୀ ଠାରେ ଗତ ସେପ୍ଟେମ୍ବର 19 ତାରିଖରୁ 24 ତାରିଖ ପର୍ଯ୍ୟନ୍ତ ସପ୍ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା | ଏହି ପ୍ରତିଯୋଗିତାରେ ପେନକାକ୍ ସିଲାଟ ରେ ମଙ୍ଗରାମ ତମାଙ୍ଗ ସ୍ୱର୍ଣ୍ଣ ପଦକ, ପ୍ରିରେଶ ଛେତ୍ରୀ ବ୍ରୋଞ୍ଜ ପଦକ, ଟିମ ରେଗୁ (ପୁରୁଷ ବର୍ଗ) ରେ ବ୍ରୋଞ୍ଜ ପଦକ, କରାଟେ (ମହିଳା ବର୍ଗ) ରେ ସିନ୍ଧୁ ତନୟା ଖୁଣ୍ଟିଆ ଓ ଚିନ୍ମୟୀ ଭୂୟାଁ ରୌପ୍ୟ ପଦକ, ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ, କରାଟେ-ଟିମ କାତା (ମହିଳା ବର୍ଗ)ରେ ବ୍ରୋଞ୍ଜ ପଦକ, କରାଟେ-ଟିମ କାତା (ପୁରୁଷ ବର୍ଗ) ରୌପ୍ୟ ପଦକ, ଜିମ୍ନାଷ୍ଟିକ (ପୁରୁଷ ବର୍ଗ)ରେ ଜାଭେଦ ଅଖତାର ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି |